# Akashvani, Sambalpur

## SAMBALPURI NEWS EVENING BULLETIN

## 9 December 2025- 7.02 pm- 7.12 pm.

*******************************************

୧- କଲାକୃତି ଜରିଏ ଭିନ୍ ଭିନ୍ ସଂସ୍କୃତି ସଙ୍ଗେ ମୁନୁଷ୍ ଜୁଡ଼ି ହେଇଥିସି- କହେଲେ ରାଷ୍ଟ୍ରପତି ।

- ୪୮ ଝନ୍‌କୁ ପ୍ରଦାନ୍ କଲେ ଜାତୀୟ ହସ୍ତଶିଳ୍ପ ପୁରସ୍କାର୍ ।

୨- ସପ୍ତଦଶ ବିଧାନ୍‌ସଭାର୍ ଶୀତ୍ ଅଧିବେଶନ୍ ଆଏଜ୍ ହେଲା ଶେଷ୍ ।

- ରାଏଜେ ରାଷ୍ଟ୍ରଗୀତ୍ ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତି ଅବ୍‌ସରେ ବଛର୍‌ସାରା ହେବା କାର୍ଯ୍ୟକ୍ରମ୍ ।

ଆଉର୍

୩- କଟକ୍ ବାର୍‌ବାଟୀ ଷ୍ଟାଡ଼ିୟମ୍ ନ ମୁଲ୍ ହେଲା ଭାରତ୍ ଆଉ ଦକ୍ଷିଣ୍ ଆଫ୍ରିକା ଭିତ୍‌ରେ ଟି-ଟ୍ୱେଂଟି କ୍ରିକେଟ୍ ମେଚ୍ ।

- ଟସ୍ ଜିତିକରି ପହେଲା ବୋଲିଂ ନିଷ୍ପତି ନେଲା ଦକ୍ଷିଣ ଆଫ୍ରିକା ।

ଜାତୀୟ ହସ୍ତଶିଳ୍ପ ପୁରସ୍କାର          ଏନ୍‌ଏସ୍‌ଡି

ହସ୍ତଶିଳ୍ପ ଖାଲି ଗୁଟେ ସାଂସ୍କୃତିକ୍ ପରିଚୟ ନୁହେଁ, ଇଟା ଲୋକ୍‌ମାନ୍‌କର୍ ଜୀବନ୍ ଧାରଣ୍‌ର ଗୁଟେ ପ୍ରମୁଖ ଅଙ୍ଗ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ନୂଆଦିଲ୍ଲୀ ନ ଆଏଜ୍ ହସ୍ତଶିଳ୍ପୀମାନ୍‌କୁ ୨୦୨୩-୨୪ ଆର୍ଥିକ୍ ବଛର୍ ଲାଗି ଜାତୀୟ ହସ୍ତଶିଳ୍ପ ପୁରସ୍କାର୍ ପ୍ରଦାନ୍ କରିକରି ରାଷ୍ଟ୍ରପତି କହିଛନ୍, କଲାକୃତି ଜରିଏ ଭିନ୍ ଭିନ୍ ସଂସ୍କୃତି ସଙ୍ଗେ ମୁନୁଷ୍ ଜୁଡ଼ି ହେଇଥିସି ଆଉ ତାଙ୍କର୍ ଭିତ୍‌ରେ ସୁସମ୍ପର୍କ ଗଢ଼ି ଉଠିଥିସି । ଇ ପୁରସ୍କାର୍ କଲା ଉକର୍ଷତାକେ ସ୍ୱୀକୃତି ଦେବାର୍ ସହେତେ ଦେଶର୍ ସମୃଦ୍ଧ ଆଉ ବିବିଧ ହସ୍ତଶିଳ୍ପ ଐତିହ୍ୟର୍ ସଂରକ୍ଷଣ୍ ଆଉ ପ୍ରୋତ୍ସାହନ୍ ଲାଗି ସର୍‌କାର୍‌ଙ୍କର୍ ପ୍ରତିବଦ୍ଧତାକେ ଦର୍ଶଉଛେ ବଲି ରାଷ୍ଟ୍ରପତି କହିଛନ୍ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଇ ଅବ୍‌ସରେ ୧୨ ଝନ୍ କାରିଗର୍‌ଙ୍କୁ ଶିଳ୍ପୀ ଗୁରୁ ପୁରସ୍କାର୍ ଆଉ ୩୬ ଝନ୍‌କୁ ହସ୍ତଶିଳ୍ପ ବର୍ଗଥି ଜାତୀୟ ପୁରସ୍କାର୍ ପ୍ରଦାନ୍ କରିଛନ୍ ।

ବିଧାନ୍‌ସଭା-ଶେଷ          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସପ୍ତଦଶ ବିଧାନ୍‌ସଭାର୍ ଶୀତ୍ ଅଧିବେଶନ୍ ଧାରିଜ୍ ସମିଆ ଆଘୋନୁ ଆଏଜ୍ ଶେଷ୍ ହେଇଛେ । ୨୯ ଟା କାର୍ଯ୍ୟଦିବସ୍‌ନୁ ଗୃହ ମାତ୍ର ୧୧ ଦିନ୍ ଚାଲ୍‌ବାର୍ ଉତ୍‌ରୁ

ବାଚସ୍ପତି ସୁରମା ପାଢ଼ୀ ଗୃହକେ ଆଏଜ୍ ଅନିର୍ଦ୍ଦିଷ୍ଟ ସମିଆ ଲାଗି ମୁଲ୍ତବୀ କରିଛନ୍ । ସର୍କାରୀ ଦଲର୍ ମୁଖ୍ୟ ସଚେତକ ସରୋଜ୍ ପ୍ରଧାନ୍ ଗୃହ ନ ମୁଲ୍ତବୀ ପ୍ରସ୍ତାବ୍ ଆଗତ୍ କରିଥିଲେ । ପ୍ରସ୍ତାବ୍‌କେ ବିଧାୟକ୍ ସନାତନ ବିଜୁଳି, ଗୌରୀ ଶଙ୍କର୍ ମାଝୀ ସମର୍ଥନ୍ କରିଥିଲେ । ତାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିରୋଧୀ ଦଲର୍ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ୍ ଦଲର୍ ନେତା ରାମଚନ୍ଦ୍ର କାଡ଼ାମ୍ ବକ୍ତବ୍ୟ ରଖିଥିଲେ । ତାର୍ ଉତ୍‌ରୁ ଗୃହ ମୁଲ୍ତବୀ ହେଇଥିଲା । ଇ ଅଧିବେଶନ୍‌ଥି ୧୭ ହଜାର୍ ୪ ଶହ ୪୦ କୋଟି ଟଙ୍କାର୍ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ଗୃହ ନ ଅନୁମୋଦିତ ହେଇଛେ । ବନ୍ଦେ ମାତରମ୍ ଗୀତ୍‌ର ଶହେ ୫୦ ବଛର୍ ପୂର୍ତି ସମାରୋହ ବଛର୍ ସାରା ରାଜ୍ୟବ୍ୟାପୀ ପାଲନ୍ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଛେ ।

ବିଧାନ୍‌ସଭା- ବନ୍ଦେ ମାତରମ୍       ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବନ୍ଦେ ମାତରମ୍ ଖାଲି ଗୁଟେ ଗୀତ୍ ନୁହେଁ, ଇଟା ଭାରତ୍‌ର ଆତ୍ମା ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍‌ସଭା ନ ଆଏଜ୍ ରାଷ୍ଟ୍ରଗୀତ୍ ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତି ଅବ୍‌ସରେ ହେଇଥିବା ଆଲୋଚନାଥି ଭାଗ୍ ନେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଇ ଗୀତ୍ ଆମ୍‌କୁ ଭାରତୀୟ ସ୍ୱାଧୀନତା ସଂଗ୍ରାମ୍‌ର ସଂଘର୍ଷ ବାବ୍‌ଦେ ସୋର୍

କରାସି ବଲି କହିଛନ୍ । ବନ୍ଦେ ମାତରମ୍ର ଶହେ ୫୦ ବଛର୍ ପୂର୍ତି ସମାରୋହ ବଛର୍ ସାରା ରାଏଜେ ପାଲନ୍ କର୍‌ବାର୍‌କେ ବିଧାନ୍‌ସଭା ନ ଆଏଜ୍ ନିଷ୍ପତି ନିଆଯାଇଛେ । ଗୃହ ନ ଆଏଜ୍ ସଖାଲ୍‌ବେଲା ଓଡ଼ିଆ ଭାଷା ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଇ ବାବଦ୍ ଗୁଟେ ସଂକଳ୍ପ ଆଗତ୍ କରିଥିଲେ । ସର୍ବସମ୍ମତିଥି ସଂକଳ୍ପ ଗୃହନ ଅନୁମୋଦିତ ହେଇଥିଲା । ବିରୋଧୀ ଦଲର୍ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଆଉ କଂଗ୍ରେସ୍ ବିଧାୟକ୍ ଦଲର୍ ନେତା ରାମଚନ୍ଦ୍ର କାଡ଼ାମ୍ ସଂକଳ୍ପ ବାବ୍‌ଦେ ଗୃହ ନ ନିଜର୍ ନିଜର୍ ଦଲର୍ ଅଭିମୁଖ୍ୟ ରଖିଥିଲେ । ମୁଖ୍ୟମନ୍ତ୍ରୀଙ୍କର୍ ବକ୍ତବ୍ୟ ଉତ୍‌ରୁ ସଂକଳ୍ପ ଗୃହ ନ ଅନୁମୋଦିତ୍ ହେଇଥିଲା ।

ବିଧାନ୍‌ସଭା- ଦର୍‌ମା ବୃଦ୍ଧି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ନ ଆଏଜ୍ ଓଡ଼ିଶା ବିଧାନ୍‌ସଭା ସଦସ୍ୟ, ବାଚସ୍ପତି, ଉପବାଚସ୍ପତି ଆଉ ମନ୍ତ୍ରୀମାନ୍‌କର୍ ଦର୍‌ମା, ଭତା ଆଉ ପେନ୍‌ସନ୍ ବାବଦ୍ ୪ ଟା ବିଲ୍ ପାରିତ୍ ହେଇଛେ । ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ ଗୃହ ନ ଇ ବାବଦ୍ ୪ ଟା ବିଧେୟକ୍ ଆଗତ୍ କରିଥିଲେ । ଇତାର୍ ଆଘୋନୁ ୨୦୧୭ ମସିହାଥି ଦର୍‌ମା, ଭତା ସଂଶୋଧନ୍ କରାଯାଇଥିଲା । ଇହାଦେ ମୁଦ୍ରାସ୍ଫିତି ହାର, ଦର୍‌ମା ଆଉ

ଭତାକେ ନଜର୍‌ଥି ରଖିକରି ଉପଦେଷ୍ଟା କମିଟିର୍ ସୁପାରିଶ୍ ଅନ୍‌ସାରେ ଦର୍‌ମା, ଭତା ବଢ଼ାବାର୍ ଲାଗି ନିଷ୍ପତି ନିଆଯାଇଛେ ବଲି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ । ବିଲ୍ ବାବଦ୍ ଆଲୋଚନାଥି ଭାଗ୍ ନେଇକରି ଶାସକ ଆଉ ବିରୋଧୀ ଦଲର୍ ସଦସ୍ୟମାନେ ସମର୍ଥନ୍ ଜନେଇଥିଲେ ।

ବିଧାନ୍‌ସଭା- ଜଙ୍ଗଲ୍ ମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ପାଖାପାଖି ୧୬ ହଜାର୍ ଶହେ ୭୮ ହେକ୍ଟର୍ ଜମିକେ ଏବ୍‌ତକ୍ ଜବର୍‌ଦଖଲ୍‌ନୁ ମୁକ୍‌ଲା ଯାଇଛେ ବଲି ଜଙ୍ଗଲ୍ ପରିବେଶ୍ ଆଉ ଜଲବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଆଏଜ୍ ବିଧାନ୍‌ସଭା ନ କହିଛନ୍ । ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍, ଜଙ୍ଗଲ୍ ଜମିକେ ମୁକ୍‌ଲାବାର୍ ଲାଗି ଜବର୍‌ଦଖଲ୍‌କାରୀଙ୍କର୍ ବିରୋଧ୍‌ଥି ୭ ହଜାର୍ ୫ ଶହ ୮୦ ଟା ମାମ୍‌ଲା ରୁଜୁ କରାଯାଇଛେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ପି.ଆଇ.ବି.

ଶିକ୍ଷା ଆଉ ଗବେଷଣା କ୍ଷେତ୍ରଥି ଭାରତ୍ ଆଉ ସାଉଦି ଆରବ୍‌ର ସହଯୋଗ୍ ଆହୁରି ମଜ୍‌ବୁତ୍ ହେବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍

ନୂଆଦିଲ୍ଲୀ ନ ଆଏଜ୍ ଭାରତ୍ ଗସ୍ତଥି ଆସିଥିବା ସାଉଦି ଆରବ୍‌ର ଶିକ୍ଷାମନ୍ତ୍ରୀ ୱାଇ.ବି. ଅବ୍‌ଦୁଲ୍ଲା ଅଲ୍-ବେନିଆନ୍‌ଙ୍କୁ ଭେଟିକରି ଦୁହି ଦେଶ୍ ଭିତ୍‌ରେ ଶିକ୍ଷା, ସହଯୋଗ୍ ବାବ୍‌ଦେ ଆଲୋଚନା କରିଛନ୍ । ଇ ଅବ୍‌ସରେ ଦୁହି ଦେଶେ ଦୁହି ଦେଶର୍ ବିଶ୍ୱବିଦ୍ୟାଲୟ କେମ୍ପସ୍ ଥାପ୍‌ନା କର୍‌ବାର୍ ଉପ୍‌ରେ ଆଲୋଚନା ହେଇଥିଲା ।

କଟକ୍ ବାର୍‌ବାଟୀ - ଟି-ଟ୍ୱେଂଟି ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍ ବାର୍‌ବାଟୀ ଷ୍ଟାଡ଼ିୟମ୍ ନ ଭାରତ୍ ଆଉ ଦକ୍ଷିଣ୍ ଆଫ୍ରିକା ଭିତ୍‌ରେ ଟି-ଟ୍ୱେଂଟି କ୍ରିକେଟ୍ ମେଚ୍ ମୁଲ୍ ହେଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନୀ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଖେଲ୍ ମୁଲ୍ କରିଛନ୍ । ଦକ୍ଷିଣ ଆଫ୍ରିକା ଦଲ୍ ଟସ୍ ଜିତିକରି ପହେଲା ବଲିଂ କର୍‌ବାର୍ ନିଷ୍ପତି ନେଇଥିବାର୍ ବେଲେ ଭାରତୀୟ ଦଲ୍‌ର ଶୁଭ୍‌ମନ୍ ଗିଲ୍ ଆର୍ ଅଭିଷେକ୍ ଶର୍ମା ଓପନିଂ ବେଟିଂ କରୁଛନ୍ ।

ବାରବାଟୀ ଷ୍ଟାଡ଼ିୟମ୍ ନ ଇଥର ୪୨ ହଜାର୍ ଦର୍ଶକ୍ ବସିକରି ମେଚ୍ ଦେଖୁଛନ୍ । କ୍ରିକେଟ୍ ମେଚ୍‌କେ ନେଇକରି କମିଶନରେଟ୍ ପୁଲିସ୍ ତର୍‌ଫୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ଇଥିର୍‌ଲାଗି ୫୦ ପ୍ଲାଟୁନ୍ ଫୋର୍ସ ଆଉ ୩ ଶହ ପୁଲିସ୍ ଅଧିକାରୀ ନିୟୋଜିତ ହେଇଛନ୍ ।

## କୃଷି ବିଭାଗ୍- ବୁଝାମଣାପତ୍ର I&PR

ଓଡ଼ିଶାର୍ କୃଷି ବିକାଶ୍‌କେ ବର୍‌କସ୍ କର୍‌ବାର୍ ଲାଗି ରାଜ୍ୟ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ଆଉ ୨ ଟା ସଂସ୍ଥା ଭିତ୍‌ରେ ୨ ଟା ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ । ରାଏଜେ ଅଦା, ହଲ୍‌ଦି ଆଉ ଶ୍ରୀଅନ୍ନ ମୂଲ୍ୟ ଶୃଙ୍ଖଳ ବିକାଶ୍‌କେ ବର୍‌କସ୍ କର୍‌ବାର୍ ସହେତେ କୃଷି ଆଧୁନିକ୍‌କରଣ ଆଉ ବଜାର୍ ସଂଯୋଗ୍‌କେ ତହଁକାବାର୍ ଲାଗି ଗୁଟେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ । ସେନ୍ତା ଓଡ଼ିଶାର୍ ଡିଜିଟାଲ୍ ମୋବାଇଲ୍ ଆଧାରିତ୍ ସଂପ୍ରସାରଣ୍ ସେବା, କୃଷି ସମୃଦ୍ଧି ହେଲ୍ପଲାଇନ୍‌ର ପରିଚାଳନା ଆଉ ଦେଖ୍‌ରେଖ୍ ଲାଗି ଆଉ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ବୁଝାମଣାପତ୍ର ସର୍‌କାର୍‌ଙ୍କୁ ଅପହଂଚ ଇଲାକାର୍ ଲୁକ୍‌କର୍ ପାଖେ ପୁହୁଁଚାବାର୍ ସହେତେ ସେମାନ୍‌କର୍ ଦର୍‌କାର୍ ସମିଆଥି ସର୍‌କାରୀ ସାହାଜ୍ ଯୁଗେଇ ଦେବାର୍‌ଥି ସହଯୋଗ୍ କର୍‌ବା ବଲି ଇ ଅବ୍‌ସରେ ଉପସ୍ଥିତ୍ ରହିକରି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ ।

## ୧୧ ଶ୍ରେଣୀ ଅନ୍‌ଲାଇନ୍ ଆବେଦନ୍ I&PR

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶାଳୟ ତର୍ଫୁ କଳା, ବିଜ୍ଞାନ୍, ବାଣିଜ୍ୟ, ଉପଶାସ୍ତ୍ରୀ, ଧନ୍ଦାମୂଲକ୍ ପାଠ୍ୟକ୍ରମ୍ ଥି ୧୧ ଶ୍ରେଣୀ ନ ନାଁ ଲେଖାବାର୍‌କେ ୪ ନମ୍ବର୍ ଖେପ୍ ଅନ୍‌ଲାଇନ୍ ଏଡ୍‌ମିଶନ୍ ତାରିଖ୍ ଘୋଷ୍‌ନା କରାଯାଇଛେ । ସାମ୍ସ ପୋର୍ଟାଲ୍ ଜରିଏ ଆଏବା କାଏଲ୍‌ଠାନୁ ନାଁଲେଖା ପ୍ରକ୍ରିୟା ମୁଲ୍ ହେବା । ଇ ବାବ୍‌ଦେ ଅଏତ୍‌କା ଜାନ୍‌ବାର୍ ଲାଗି ଛାତ୍ରଛାତ୍ରୀମାନେ www.samsodisha.gov.in ଥି ଲଗ୍‌ଇନ୍ କରିପାର୍‌ବେ ।

ଲକ୍ଷ୍ମୀକାନ୍ତ ମହାପାତ୍ର ଜୟନ୍ତୀ ଆର୍‌ଏନ୍‌ୟୁ/ ସମ୍ବଲପୁର

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର୍ ଜୟନ୍ତୀ ଆଏଜ୍ ସାରା ରାଏଜେ ପାଲନ୍ କରାଯାଉଛେ । ବିଧାନ୍‌ସଭା ପରିସର୍ ନ ଥିବା ତାଙ୍କର୍ ପ୍ରତିମୂର୍ତ୍ତିଥି ଆଏଜ୍ ସଖାଲ୍‌ବେଲା ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଦୁହି ଉପମୁଖ୍ୟମନ୍ତ୍ରୀ ଆଉ ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟମାନେ ଉପସ୍ଥିତ୍ ରହିକରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଥିଲେ । ଓଡ଼ିଆ ଭାଷା ସଂସ୍କୃତି ଆଉ ସାହିତ୍ୟ କ୍ଷେତ୍ରଥି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର୍ ଅବଦାନ୍ ସୁବବେଲେ ସୁର୍‌ତା ହେଇ ରହେବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ଅନ୍ତର୍ଜାତୀୟ ଦୁର୍ନୀତି ନିବାରଣ୍ ଦିବସ     ଆର୍ଏନ୍ୟୁ/ ସମ୍ବଲପୁର

ଦୁର୍ନୀତି ବିରୋଧିଥି ଲୁକ୍କୁ ସଚେତନ୍ କର୍ବାର୍ ଲାଗି ଆଉ ତାର୍ ମୁକାବିଲା ଦିଗେ ମିଲିତ୍ ଚେରେଷ୍ଟା ଲକ୍ଷ୍ୟଥି ଆଏଜ୍ ଅନ୍ତର୍ଜାତୀୟ ଦୁର୍ନୀତି ନିବାରଣ୍ ଦିବସ୍ ପାଲନ୍ କରାଯାଉଛେ । ୨୦୦୩ ମସିହା ଅକ୍ଟୋବର୍ ୩୧ ତାରିଖ୍ ମିଳିତ ଜାତିସଂଘ ମହାସଭାଥି ଇ ଦିବସ୍ ପାଲନ୍ ବାବ୍ଦେ ନିଷ୍ପତି ନିଆଯାଇଥିଲା । ଇ ବଛର୍ ଇ ଦିବସ୍ର ବାର୍ତା ରହିଛେ, 'ଦୁର୍ନୀତି ବିରୋଧିଥି ଯୁଆନ୍ ପିଢ଼ିକେ ଏକ୍ଜୁଟ୍ କର୍ବାର୍ ।'

ଟିପିଡବ୍ଲୁଓଡିଏଲ୍- ଲୋକ୍ ଅଦାଲତ୍     ପ୍ରେସ୍ ରିଲିଜ୍

ଆଏବା ଶନିବାର୍ ଦିନ ହେବାର୍କେ ଥିବା ରାଷ୍ଟ୍ରୀୟ ଲୋକ୍ଅଦାଲତ୍ଥି ପଶ୍ଚିମ ଓଡ଼ିଶାର୍ ବିଦ୍ୟୁତ୍ ବିତରକ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ଭିଲ୍ ଭାଗ୍ ନଉଛେ । ଉପଭୋକ୍ତାମାନେ ଅଦାଲତ୍ ନ ଉପସ୍ଥିତ୍ ରହିକରି ବିଦ୍ୟୁତ୍ ବିଲ୍ ବାବଦ୍ ଭିନ୍ ଭିନ୍ ସମସ୍ୟା ଆଉ ଅଭିଯୋଗ୍ର ସମାଧାନ୍ କରିପାର୍ବେ । ଇଥିର୍ଲାଗି ଟିପିଡବ୍ଲୁଓଡିଏଲ୍ ତର୍ଫୁ ତାର୍ ସବୁ ସବ୍ଡିଭିଜନ୍ ଆଉ ସେକ୍ସନ୍ ଅଫିସ୍ ମାନ୍କେ ବ୍ୟାପକ୍ ବ୍ୟବସ୍ଥା କରାଯାଇଛେ । ଲୋକ୍

ଅଦାଲତ୍‌ଥି ସାମିଲ୍ ହେବାର୍‌କେ ଅଭିଯୋଗ୍‌କାରୀମାନେ ପଞ୍ଜିକରଣ୍ କର୍‌ବାର୍ ଲାଗି ପାଖର୍ ସବ୍‌ଡିଭିଜନ୍ ଅଫିସ୍ ନାହେଲେ ସେକ୍ସନ୍ ଅଫିସ୍ ନ ସାହାଜ୍ ନେଇପାର୍‌ବେ ବଲି କମ୍ପାନୀ ତର୍‌ଫୁ କୁହାଯାଇଛେ ।

ସଚେତନତା କାର୍ଯ୍ୟକ୍ରମ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ନାରାୟଣ୍‌ପୁର୍ ନ ଥିବା ସ୍ୱତନ୍ତ୍ର ବିଦ୍ୟାଳୟ ନ ଦିବ୍ୟାଙ୍ଗ ମାନ୍‌କର୍ ସମସ୍ୟା ଆଉ ସୁବିଧାକେ ନେଇକରି ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ଅଧ୍ୟକ୍ଷ ପ୍ରତାପ୍ କୁମାର୍ ପାତ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଦିବ୍ୟାଙ୍ଗ ମାନ୍‌କର୍ ସୁରକ୍ଷା ଆଉ ଉନ୍ନତି ଲାଗି ଦେଶେ ଥିବା ଆଇନ୍ ବାବ୍‌ଦେ ଅତିଥି ମାନେ ବୁଝେଇଥିଲେ ।

ଦେବ୍‌ଗଡ୍ ଜିଲ୍ଲାପାଳ- ଆଲୋଚନା ଦେବ୍‌ଗଡ୍/ ବୌଦ୍ଧ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ନ ଆଏଜ୍ ଜିଲ୍ଲାର୍ ୨୯ ଟା ନୂଆଁ ମତଦାନ୍ କେନ୍ଦ୍ର ବାବଦ୍ ଆଲୋଚନା ବୈଠକ୍

ହେଇଛେ । ଅତିରିକ୍ତ ଜିଲ୍ଲାପାଲ୍ ରେବେକା ବିଲୁଙ୍ଗ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ର୍ ସୂଚ୍‌ନା ଅନ୍‌ସାରେ ଜିଲ୍ଲାର୍ ମତଦାତାଙ୍କର୍ ସୁବିଧାର୍ ଲାଗି ୨୯ ଟା ନୂଆଁ ବୁଥ୍ ଗଠନ୍ ଆଉ ୬ ଟା ମତଦାନ୍ କେନ୍ଦ୍ରର୍ ଜାଗା ବଦ୍‌ଲାବାର୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଦିଆଯାଇଥିବା ପ୍ରସ୍ତାବ୍‌କେ ଭାରତୀୟ ନିର୍ବାଚନ୍ ଆୟୋଗ୍ ଅନୁମୋଦନ୍ କରିଛନ୍ । ଇ ପଦକ୍ଷେପ୍ ଜରିଏ ଭୋଟ୍ ସମିଆଥି ମତଦାନ୍ କେନ୍ଦ୍ର ନ ଭିଡ୍ କମ୍‌ବାର୍ ସହେତେ ଦୁରିଆ ଭିଲ୍ କମ୍ ହେବା ।

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଭିଲ୍ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ଇ ବାବଦ୍ ଗୁଟେ ବୈଠକ୍ ଆଏଜ୍ ହେଇଯାଇଛେ । ଜିଲ୍ଲା ନ ଗଠନ୍ ହେଇଥିବା ୫୧ ଟା ନୂଆଁ ମତଦାନ୍ କେନ୍ଦ୍ର ଆଉ ଇତାର୍ ସୁବିଧା ବାବ୍‌ଦେ ବୈଠକ୍‌ଥି ଆଲୋଚନା କରାଯାଇଥିଲା ।

ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା-ସଚେତନତା ନୂଆପଡ଼ା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ବାଦି ପଂଚାୟତ୍ ନ ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା ବାବ୍‌ଦେ ଜୁହାର୍ କାର୍ଯ୍ୟକ୍ରମ୍ ଜରିଏ ଲୁକ୍‌କୁ ସଚେତନ୍ କରାଯାଉଛେ । ପ୍ରଧାନ୍‌ମନ୍ତ୍ରୀ ଆବାସ୍ ଘର୍ ପାଇକରି ନିର୍ମାଣ୍‌କାମ୍ ନାଇଁ ସାରିଥିବା ଲୁକ୍‌କୁ ତୁର୍‌ତି

ଘର୍ ବନେଇକରି ଅଏତ୍‌କା ସାହାଜ୍ ପାଏବାର୍‌କେ ଆହ୍ୱାନ୍ ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟକେ ଉତର୍ ପଶ୍ଚିମ ଦିଗୁ ଶୁଖା ଥଣ୍ଡା ପବନ୍ ଆସୁଥିବାର୍‌ନୁ ରାତିର୍ ତାପମାତ୍ରା କମ୍ ହେବାର୍‌କେ ଲାଗିଛେ । ଆଏବା ୭ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ଆଏବା ୨୪ ଘଂଟା ଭିତ୍‌ରେ ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍ ଆର୍ ଅନୁଗୁଲ୍ ନ ଜବର୍ ଥଣ୍ଡା ହେବା । ସୁନ୍ଦର୍‌ଗଡ୍ ଆଉ କନ୍ଧମାଲ୍ ନ ବହଲିଆ କୁହୁଡ଼ି ଆଉ କୋରାପୁଟ୍, କଲାହାଣ୍ଡି ନ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର କୁହୁଡ଼ି ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।